ପ୍ରଗତିବାଦୀ
PRAGATIVADI

16th Dec, 2019

# ଆନ୍ତଃ ଆଇଆଇଟି ସ୍ପୋର୍ଟ୍ସ ମିଟ ଉଦଘାଟିତ



• ଜଟଣୀ,ପିଏନଏସ

୫୪ତମ ଆନ୍ତଃ ଆଇଆଇଟି ସ୍ପୋର୍ଟ୍ସ ମିଟ୍ ରବିବାର ଉଦଘାଟିତ ହୋଇଛି । ଜଟଣୀସ୍ଥିତ ଆଇଆଇଟି କ୍ୟାମ୍ପସ୍ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଆଥଲେଟ୍ ଦୂତି ଚାନ୍ଦ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଖଡଗପୁର ଓ ଜଟଣୀସ୍ଥିତ ଆଇଆଇଟି ଏହାକୁ ମିଳିତ ଭାବେ ଆୟୋଜନ କରୁଛନ୍ତି । ଜଟଣୀ ଆଇଆଇଟି କ୍ୟାମ୍ପସରେ ବ୍ୟାଡ଼ମିଣ୍ଟନ, ଟେବଲ ଟେନିସ୍, ଭଲିବଲ ଓ ସ୍କ୍ୱାଶ ପ୍ରତିଯୋଗିତା ଆୟୋଜିତ ହେଉଛି । ଖଡ଼ଗପୁର ଆଇଆଇଟି ପରିସରରେ ଅନ୍ୟ ୮ଟି ଖେଳର ପ୍ରତିଯୋଗିତା ହେବ । ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମିଟରେ ଦେଶର ୨୨ଟି ଆଇଆଇଟିରୁ ଜଟଣୀ କ୍ୟାମ୍ପସରେ ୮୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି । ଦ୍ୱିତୀୟ ପିଢ଼ିରେ ପ୍ରତିଷ୍ଠା ହୋଇଥିବା ଜଟଣୀସ୍ଥିତ ଆଇଆଇଟି ଏପରି ପ୍ରତିଯୋଗିତା ଆୟୋଜନର ସୁଯୋଗ ପାଇବା ପ୍ରଥମ ବୋଲି ଆଇଆଇଟି କର୍ତ୍ତୃପକ୍ଷ କହିଥିଲେ । ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍ଭି ରାଜାକୁମାର, ଷ୍ଟୁଡେଣ୍ଟ ଆଫାୟାର୍ସର ଡିନ୍ ତଥା ଖେଳ ପରିଚାଳନା କମିଟିର ଚେୟାରମ୍ୟାନ୍ ପ୍ରଫେସର ଭି.ଆର୍.ପେଡିରେଡ୍ଡୀ, ଆବାହକ ଡ. ଶଙ୍କର୍ଷଣ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ ।